# ତହସିଲଦାର ଙ୍କ କାର୍ଯ୍ୟାଳୟ ନର୍ଲା, କଳାହାଣ୍ଡି

ସଂଖ୍ୟା.                    ତାରିଖ.

ଲଘୁ ଖଣିଜ ଉତ୍ସ (ବାଲି ଖାଦାନ) ର 5 ବର୍ଷିଆ ଲିଜ ନିମନ୍ତେ

ଜଉମୁଦ ଟେଣ୍ଡର ଆହ୍ୱାନ

ଇସ୍ତାହାର ସଂଖ୍ୟା...1084........../ଖୌଜି ତା...29.05.......2020

ଏତଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନ ଲିଖିତ ଲଘୁ ଖଣିଜ ଉତ୍ସ ଗୁଡିକ ଟେଣ୍ଡର ମାଧମ ରେ ଦୀର୍ଘମିଆଦି ସୂତ୍ରେ 5 ବର୍ଷ ପାଇଁ ଲିଜ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଲିଜ ଅବଧି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ନିୟମ 2016 ଅନୁସାରେ ଶେଷ ପ୍ରକ୍ରିୟା କରଣ (ପରିବେଶ ମଞ୍ଜୁରୀ)ଠାରୁ ଆରମ୍ଭ ହେବ । ଏଥିପାଇଁ ନିର୍ଦ୍ଦିଷ୍ଟ ଫାରମ ରେ ଇଚ୍ଛୁକ ବ୍ୟକ୍ତିମାନେ ଆବେଦନ କରିପାରିବେ । ପୃଥକ ସଇରାତ ଉତ୍ସ ପାଇଁ ପୃଥକ ପୃଥକ ଫାରମରେ ଟେଣ୍ଡର କାଗଜାତ ଦାଖଲ କରିବାକୁ ପଡିବ । ଟେଣ୍ଡର ଫାରମ ସହିତ ସବିଶେଷ ବିବରଣୀ ଟ 1000/- ମୂଲ୍ୟରେ ତହସିଲ କାର୍ଯ୍ୟାଳୟ ରୁ ତା. 02.06.2020 ରୁ 17.06.2020 ରିଖ ଅପରାହ୍ନ ଘ.1.00 ପର୍ଯ୍ୟନ୍ତ କେବଳ କାର୍ଯ୍ୟ ଦିବସ ଓ ସମୟ ମଧ୍ୟରେ ତହସିଲ କାର୍ଯ୍ୟାଳୟର ନିଜାରତ ଶାଖାରେ ମିଳିପାରିବ । ସବିଶେଷ ବିବରଣୀ (ସର୍ତ୍ତାବଳୀ, ଚୟନ ପ୍ରଣାଳୀ ଇତ୍ୟାଦି) ଜାଣିବା ପାଇଁ ଦହସିଲଦାର, ନର୍ଲା ଙ୍କ କାର୍ଯ୍ୟାଳୟ ର ତଉଜି ଶାଖା,ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା **www.kalahandi.nic.in** ୱେବସାଇଟ ଲଗ୍‌ଅନ୍ କରନ୍ତୁ । ଏହି ଉତ୍ସ ଗୁଡିକ ମଧ୍ୟରୁ ଏକ ବା ଏକାଧିକ ଖଣିଜ ଉତ୍ସର ଟେଣ୍ଡର ପ୍ରକ୍ରିୟା ନିମ୍ନସ୍ୱାକ୍ଷରକାରୀ କିମ୍ବା ତାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଦରଖାସ୍ତକାରୀ ଙ୍କୁ କାରଣ ନଦର୍ଶାଇ ରଦ୍ଦ କରି ପାରିବେ ।

**ଖଣିଜ ଉତ୍ସର ତଫସିଲ ଭୁକ୍ତ ଜମିର ବିବରଣୀ**

| କ୍ର.ନଂ | ବାଲି ଉତ୍ସର ନାମ | ମୌଜା | ଖାତା.ନଂ | ପ୍ଲ.ନଂ | କିସମ | ଲିଜ ରକବା (ଏକର ରେ) | ସର୍ବନିମ୍ନ ନିର୍ଦ୍ଧାରିତ ପରିମାଣ (MGQ) in cm | ଅତିରିକ୍ତ ଦେୟ (Additional Charge in Rs) ପ୍ରତି ଘନ ମିଟର | ବ୍ୟାଙ୍କ ଗେରେଣ୍ଟି (in Rs) | ଅର୍ଜିତ ରାଶି (EMD)in Rs |
|---|---|---|---|---|---|---|---|---|---|---|
| 1 | ଦହଲ ବାଲି ଘାଟ | ଦହଲ | 76 | 01 | ନଦୀ | 1.00 | 2000 | 50.00 | 1,70,000 | 8500 /- |
| 2 | ବ୍ରାହ୍ମଣୀ ବାଲିଘାଟ | ବ୍ରାହ୍ମଣୀ | 107 | 01 | ନଦୀ | 1.00 | 2000 | 50.00 | 1,70,000 | 8500 /- |
| 3 | ରାତୁଲ ବାଲି ଘାଟ | ରାତୁଲ | 117 | 89 | ନଦୀ | 5.77 | 2000 | 50.00 | 1,70,000 | 8500 /- |
| 4 | ଉଲିକୁପା ବାଲି ଘାଟ | ଉଲିକୁପା | 270 | 301 | ନଦୀ | 3.00 | 2000 | 50.00 | 1,70,000 | 8500 /- |

29.05.2020

ତହସିଲଦାର, ନର୍ଲା
TAHASILDAR
NARLA

ଜ୍ଞାପକ ସଂଖ୍ୟା...1090........../                ତା...29.05.....2020

ଏହାର ଏକକିତା ନକଲ ଜିଲ୍ଲା ଲୋକ ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ, କଳାହାଣ୍ଡି ଙ୍କ ନିକଟକୁ ପ୍ରେରଣ କରାଗଲା । ଏହାକୁ ତା. 30.05.2020 ରିଖ ରାଜ୍ୟସ୍ତରୀୟ ପ୍ରକାଶନରେ ପ୍ରକାଶ କରିବା ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ **D.I.O, N.I.C, Kalahandi** ନିକଟକୁ ଜିଲ୍ଲା ୱେବସାଇଟ ରେ ପ୍ରକାଶ କରିବା ପାଇଁ ଅନୁରୋଧ କରି ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ସଂପୃକ୍ତ ଗ୍ରାମ ପଞ୍ଚାୟତର ଅବଗତି ଏବଂ ସୂଚନା ଫଳକରେ ଛାପିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ/ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ର ସୂଚନା ଫଳକରେ ଛାପିବା ନିମନ୍ତେ ପ୍ରେରଣ କରାଗଲା ।

29.05.2020

ତହସିଲଦାର,ନର୍ଲା